## ରନ୍ଧା ମଦ ଜବତ, ପୋଚ ନଷ୍ଟ

ଆସିକା,(ଡି.ଏନ୍.ଏ):ଆସିକା ବ୍ଲକ ଗଣ୍ଡପଲ୍ଲୀ, ତୁମ୍ବାଠେଙ୍ଗାପଲ୍ଲୀ, ଜଗନ୍ନାଥପଲ୍ଲୀ ଓ ଧରାକୋଟ ବ୍ଲକ ବାହାଡାଗୁଡା ଗ୍ରାମରେ ଚାଲିଥିବା ବେଆଇନ ମଦ କାରବାର ଉପରେ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଚଢାଉ ବେଳେ ୧୭୭ ଲିଟର ରନ୍ଧାମଦ ଓ ୧୯ ଲିଟର ସରକାରୀ ପ୍ୟାକେଟ ମଦ ଜବତ କରାଯାଇଛି । ପ୍ରାୟ ୩ ହଜାର ଲିଟର ପୋଚ ମଧ ନଷ୍ଟ କରାଯାଇଛି । ଆସିକା ଅବକାରୀ ବିଭାଗ ଓ ଜିଲା ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାଡ ପକ୍ଷରୁ ହୋଇଥିବା ଏହି ଚଢାଉରେ ଆସିକା ଅବକାରୀ ଇନ୍ସପେକ୍ଟର ଧିରେନ କୁମାର ବେହେରା, ଭ୍ରାମ୍ୟମାଣ ସ୍କ୍ୱାଡର ସବଇନ୍ସପେକ୍ଟର ଦୁର୍ଯୋଧନ ଦିଗାଲଙ୍କ ସମେତ ଅବକାରୀ କର୍ମଚାରୀ ସାମିଲ ଥିଲେ ।

## ସଂକ୍ଷେପରେ

### ତପ୍ତପାଣି ଘାଟିରାସ୍ତାରେ ଟ୍ରକ୍ ଓଲଟି ୨ ଆହତ

ଦିଗପହଣ୍ଡି/ପାରଳାଖେମୁଣ୍ଡି, ୧୬।୬ (ଡି.ଏନ.ଏ.): ଦିଗପହଣ୍ଡି-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ତପ୍ତପାଣି ଘାଟି ରାସ୍ତାର ପାଲୁଖଳା ଗ୍ରାମ ନିକଟରେ ଏକ ଟ୍ରକ୍ ବୁଧବାର ଓଲଟି ପଡିବାରୁ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଭଞ୍ଜନଗର ଥାନା ଦୁବାଇ ଲୁଣ୍ଡା ଗ୍ରାମର ଗାଡ଼ି ଚାଳକ ଅମୂଲ୍ୟ କୁମାର ଭୂୟାଁ ଏବଂ ହେଲ୍‌ପର ପ୍ରଶାନ୍ତ କୁମାର ଗୌଡ଼। ରାୟଗଡ଼ା ଜିଲା ଜେ.କେ ପୁରରୁ ଅଣ୍ଡା ଖୋଳ ବୋଝେଇ ଟ୍ରକ୍‌ଟି ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଘାଟି ରାସ୍ତାର ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପାଟପୁର ପୋଲିସ ଦୁର୍ଘଟଣା ଗ୍ରସ୍ତ ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି।

### ଗଞ୍ଜାମରେ ପୁଣି ୪ ଜୀବନ ନେଲା କରୋନା

ଛତ୍ରପୁର,୧୬।୬(ଡି.ଏନ୍.ଏ):ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା କମୁଥିଲେ ମଧ ମୃତ୍ୟୁ ଥମୁ ନ ଥିବାରୁ ଚିନ୍ତାର କାରଣ ହୋଇଛି। ଜିଲାରେ ଆଉ ୪ ଜଣଙ୍କ କରୋନାରେ ମତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ହାକୁ ମିଶାଇ ଦ୍ୱିତୀୟ ଲହରରେ କରୋନା ୫୮ ଜଣଙ୍କ ଜୀବନ ନେଲାଣି। ପ୍ରଥମ ଓ ଦ୍ୱିତୀୟ ଲହରରେ ଏ ପର୍ଯ୍ୟନ୍ତ ୩୦୬ ଜଣଙ୍କ ମୃତ୍ୟୁ ଘଟିଲାଣି। ଅନ୍ୟପକ୍ଷରେ ଜିଲାରେ ଆଉ ୨୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୬୯ ଜଣ କରୋନାରୁ ସୁସ୍ଥ ହୋଇଥିବା ବୁଧବାର ସୂଚନା ଦିଆଯାଇଛି। ଜିଲାରେ ବର୍ତ୍ତମାନ ୩୨୬ ଜଣ ସକ୍ରିୟ କରୋନା ରୋଗୀ ଅଛନ୍ତି। ମଙ୍ଗଳବାର ଜିଲାରେ ୨ ହଜାର ୫୬୬ ଜଣଙ୍କ କରୋନା ଟେଷ୍ଟ ହୋଇଛି।

### ମହାକାଶ ବିଜ୍ଞାନ ପ୍ରତିଯୋଗିତାରେ ଲଗ୍ନଜିତ୍‌ଙ୍କ କୃତିତ୍ୱ



ପାରଳାଖେମୁଣ୍ଡି, ୧୬।୬ (ଡି.ଏନ୍.ଏ.): ପାରଳାଖେମୁଣ୍ଡି ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ର ଲଗ୍ନଜିତ ମହାନ୍ତି ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନ ସମ୍ବନ୍ଧୀୟ ଆନ୍ତର୍ଜାତିକ ସଂସ୍ଥା(ଆଇଏଏସ୍‌ଇ) ଜର୍ମାନୀର ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପ୍ରମାଣ ପତ୍ର ସହ ଅନ୍ତିମ ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଶ୍ୱ ସ୍ତରୀୟ ସଂସ୍ଥା ଦ୍ୱାରା ପରିଚାଳିତ ଗବେଷଣାମୂଳକ ପ୍ରତିଯୋଗିତାରେ ଅନୁସନ୍ଧାନ ମୂଳକ ପ୍ରଶ୍ନର ଉତ୍ତର ଦେଇ ଲଗ୍ନଜିତ କୃତିତ୍ୱ ହାସଲ କରିଛନ୍ତି। ଲଗ୍ନଜିତ ପୂର୍ବରୁ ମଧ ମହାକାଶ ବିଜ୍ଞାନର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ସମ୍ବନ୍ଧରେ ତାଙ୍କ ସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ରଥ, ଶିକ୍ଷୟିତ୍ରୀ ଏସ୍ ଶିରିସା ସହଯୋଗ କରିଥିଲେ ଏବଂ ଅଧକ୍ଷା ସୁନିତା ପାଣିଗ୍ରାହୀ ତାଙ୍କୁ ପ୍ରେରଣା ଦେଇଥିଲେ।

### କଟକଣା ଉଲ୍ଲଂଘନ: ନରେନ୍ଦ୍ରପୁର ହାଟ ବସିଲା

ଛତ୍ରପୁର,୧୬।୬(ଡି.ଏନ.ଏ. ): କୋଭିଡ୍ କଟକଣା ଯୋଗୁ ଛତ୍ରପୁର ବ୍ଲକ ଅଧୀନ ନରେନ୍ଦ୍ରପୁର ସାପ୍ତାହିକ ହାଟ ୨ ମାସରୁ ଉର୍ଦ୍ଧ୍ୱ ହେଲା ବନ୍ଦ ରହିଥିଲା। ବୁଧବାର ସବୁ କଟକଣାକୁ ଫୁ କରି ଏହି ହାଟ ବସିଛି। କେତେଜଣ ବ୍ୟବସାୟୀ ଅମାନିଆ ହୋଇ ଆମ୍ବ, ରସୁଣ, ପିଆଜ ଆଳୁ, ମୁନିକା, ଟମାଟୋ ଅଦି ପସରା ପକାଇଥିବାରୁ ସାମଗ୍ରୀ କିଣାବା ପାଇଁ ଗ୍ରହକମାନଙ୍କ ଭିଡ଼ ଜମିଥିଲା। ହେଲେ ଏଠାରେ ଲୋକଙ୍କ ମୁହଁରେ ମାସ୍କ ନ ଥିଲା କି ସାମାଜିକ ଦୂରତା ଓ କୋଭିଡ୍ ନିୟମ ପଞ୍ଚସୂତ୍ରୀ ମଧ ପାଳନ କରାଯାଇନଥିବା ଦେଖିବାକୁ ମିଳିଛି। ରୋଡ଼ ପାର୍ଶ୍ୱରେ ସାପ୍ତାହିକ ହାଟ ଓ ବଜାର ସମ୍ପୂର୍ଣ୍ଣ ଗହଳି ଥିଲା କିନ୍ତୁ ସେଠାରେ ପୋଲିସ କିମ୍ବା ପ୍ରଶାସନ ପହଞ୍ଚିନଥିଲେ।

### ଚୋରି ଅଭିଯୋଗରେ ଜଣେ ଗିରଫ

ହିଞ୍ଜିଳିକାଟୁ,୧୬।୬(ଡି.ଏନ.ଏ):ହିଞ୍ଜିଳି ଥାନା ଆଡ଼ପଡ଼ା ଗ୍ରାମରେ ରବିବାର ରାତିରେ ଏକ ଔଷଧ ଦୋକାନ କବାଟ ଭାଙ୍ଗି ୧୭ ହଜାର ୫ଶହ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଦୋକାନ ମାଲିକ ସନ୍ଦୀପ ସୁବୁଦ୍ଧିଙ୍କ ଅଭିଯୋଗ କ୍ରମେ ହିଞ୍ଜିଳି ପୋଲିସ ସୋମବାର ନଂ. ୩୧୧/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ ବେଳେ ଚୋରି ସମ୍ପର୍କରେ ସୂଚନା ମିଳିଥିଲା। ଏହି ମାମଲାରେ ବୁଧବାର ଆଡ଼ପଡ଼ା ଗ୍ରାମର ସନ୍ତୋଷ ପ୍ରଧାନଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ୧୭ହଜାର ୫ଶହ ଟଙ୍କା ପୋଲିସ ଜବତ ହୋଇଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି।

# ବିଏମ୍‌ସି ଆଗରେ କଂଗ୍ରେସର ବିକ୍ଷୋଭ

## ଆଦାୟ ବର୍ଦ୍ଧିତ ଘର ଟିକସ ଫେରସ୍ତ ଦାବି

ବ୍ରହ୍ମପୁର ଅଫିସ,୧୬।୬



ବିଏମସି କାର୍ଯ୍ୟାଳୟ ଆଗରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ।

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ଘର ମାଲିକଙ୍କଠାରୁ ଆଦାୟ କରିଥିବା ବର୍ଦ୍ଧିତ ଟିକସ ତୁରନ୍ତ ଫେରସ୍ତ ଏବଂ ଏହା ବିରୋଧରେ ନାମୀଦାମୀ ଓକିଲଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ନ ଲଢ଼ିବା ଦାବି ନେଇ ଗଞ୍ଜାମ ଜିଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଜଦୁର କଂଗ୍ରେସ ସଭାପତି ପୀତବାସ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବିଏମ୍‌ସି କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୦୨୦-୨୧ରେ ବିଏମ୍‌ସି ଘର ଟିକସ ବୃଦ୍ଧି କରି ଜବରଦସ୍ତ ଆଦାୟ କରିଥିଲେ। ଏହାକୁ ବିରୋଧ କରି ପୀତବାସ ହାଇକୋର୍ଟରେ ପିଟିଶନ ଦାୟର କରିଥିଲେ। କୋର୍ଟ ବର୍ଦ୍ଧିତ ଟିକସ ବନ୍ଦ ସହ ପୁରୁଣା ପ୍ରଚଳିତ ହାରରେ ଆଦାୟ କରିବା ପାଇଁ ଆଦେଶ ଦେଇଛନ୍ତି। ପକ୍ଷ ରଖିବାକୁ ରାଜ୍ୟ ସରକାର ଓ ବିଏମ୍‌ସି କର୍ତ୍ତୃପକ୍ଷ ଅଦାଲତରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପଣ୍ଡା କହିଛନ୍ତି, ବିଏମ୍‌ସି ଆଇନ ବହିଃର୍ଭୂତ କାର୍ଯ୍ୟ କରିଥିବାରୁ ହାଇକୋର୍ଟ ଏଭଳି ଆଦେଶ ଦେଇଛନ୍ତି। ଏହାକୁ ବିରୋଧ କରି ନିଗମ କର୍ତ୍ତୃପକ୍ଷ ଉଚ୍ଚ ନ୍ୟାୟାଳୟରେ ରିଭ୍ୟୁ ପିଟିଶନ ଦାଖଲ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଟିକସ ଟଙ୍କାରେ ଲୋକଙ୍କ ସ୍ୱାର୍ଥ ବିରୋଧୀ କାର୍ଯ୍ୟ ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି। କଂଗ୍ରେସ ନେତା ଭୋକାଲି ସେଠୀ,ରବୀନ୍ଦ୍ର ଅଧିକାରୀ, ଉଦୟ ପାଣିଗ୍ରାହୀ,ରଞ୍ଜନ ତରେଇ ଓ ସୁଧୀର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଛୁରାମାଡ଼ରେ ଯୁବକ ମୃତ

ବ୍ରହ୍ମପୁର ଅଫିସ,୧୬।୬

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଉତ୍ତରାମୁଖୀଠାରେ ଛୁରାମାଡରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଚନ୍ଦନ ପ୍ରଧାନ (୨୦)। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗଣ୍ଡଗୋଳ ଘଟିଥିବା ବେଳେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଏ ନେଇ ନଂ. ୧୨୨/୨୧ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଚନ୍ଦନଙ୍କ ଭଉଣୀଙ୍କୁ ସେହି ସାହିର ଯୁବକ ଶିବରାମ ସେଠୀ ଓରଫ ଟିଣା (୨୧) ପ୍ରେମ କରୁଥିଲେ। ଯାହାକୁ ନେଇ ଚନ୍ଦନ ଓ ଟିଣାଙ୍କ ମଧରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ତାଙ୍କ ଭଉଣୀଠାରୁ ଦୂରେଇ ରହିବାକୁ ଚନ୍ଦନ ବାରମ୍ବାର ଟିଣାଙ୍କୁ ତାଗିଦ କରିଥିଲେ। ଟିଣା ସେ ସବୁକୁ ଖାତିର କରୁନଥିଲେ। ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ଚନ୍ଦନ ଓ ତାଙ୍କର ୨ ସାଙ୍ଗ ତୋଫାନ ବେହେରା ଓ ହର୍ଷବିହାରର ମୁନା ମହାନ୍ତି ତିନି ଜଣ ମିଶି ଟିଣାଙ୍କୁ ପାନେ ଦେବା ପାଇଁ ତାଙ୍କ ଘର ନିକଟକୁ ଯାଇଥିଲେ। ଆକ୍ରମଣ ଉଦ୍ୟମ କରିବା ବେଳେ ଟିଣା ଧରିଥିବା ଏକ ଛୁରିରେ ପ୍ରଥମେ ଚନ୍ଦନଙ୍କୁ ଆକ୍ରମଣ କରିଥିଲେ। ଫଳରେ ଚନ୍ଦନ ଗୁରୁତର ହୋଇ ତଳେ ପଡିଯାଇଥିଲା। ତାଙ୍କ ନିକଟରେ ଥିବା ଅନ୍ୟ ୨ ଜଣଙ୍କୁ ମଧ ଟିଣା ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲା। ପୋଲିସ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚନ୍ଦନ ଓ ତାଙ୍କର ଅନ୍ୟ ଦୁଇ ସାଙ୍ଗଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ପୋଲିସ ଟିଣାଙ୍କୁ କାବୁ କରି ଥାନାକୁ ନେଇଥିଲା। ଦୁର୍ବୃତ୍ତଙ୍କ ଛୁରି ମାଡରେ ଆହତ ତୋଫାନଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ମୁନାଙ୍କର ମଧ ଏମ୍‌କେସିଜି ମେଡିକାଲରେ ଚିକିତ୍ସା ଜାରି ରହିଛି। ବୁଧବାର ଟାଉନ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ବଡବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଜୋରଦାର କରିଛନ୍ତି। ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ରକ୍ତଭିଜା ଛୁରିକୁ ପୋଲିସ ଜବତ କରିଛି। ଏପଟେ ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଟିଣାଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି।

# ମାଓବାଦୀ ନାମରେ ୨ ଜଣଙ୍କ ଘରୁ ଲୁଟ୍

## ୪ ଗିରଫ, ମାରଣାସ୍ତ୍ର ଜବତ

ଦାରିଙ୍ଗବାଡ଼ି,୧୬।୬(ଡି.ଏନ.ଏ)



ଗିରଫ ୪ ନକଲି ମାଓବାଦୀ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଗତ ୧୦ ତାରିଖ ରାତିରେ ମାଓବାଦୀ ନାମରେ ୨ଜଣଙ୍କ ଘରୁ ଟଙ୍କା, ସୁନା ଲୁଟ ହୋଇଥିଲା। ଏହି ଘଟଣାରେ ପୋଲିସ ବୁଧବାର ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ସିମନବାଡ଼ି ଗ୍ରାମର କୃପାକର ମୁଖି ଓରଫ ବାଣୁଆ, ଆଲୋକ ରଞ୍ଜନ ନାୟକ ଓରଫ ଦିଲୁ, ଜେରୋହ ନାୟକ ଓରଫ ଅମର ଏବଂ ବାଲିଗୁଡ଼ା ଥାନା ଅନ୍ତର୍ଗତ ସିତାପାଙ୍ଗା ଗ୍ରାମର ବଳରାମ ପ୍ରଧାନ। ଅଭିଯୁକ୍ତମାନଙ୍କଠାରୁ ୧୦,୫୦୦ ଟଙ୍କା, ପ୍ରାୟ ୪୦ ହଜାର ଟଙ୍କା ମୂଲ୍ୟର ତରଳା ଯାଇଥିବା ସୁନା, ୨ଟି ମୋବାଇଲ ଫୋନ, ଗୋଟିଏ ଦେଶୀ ବନ୍ଧୁକ, ଖଣ୍ଡା, ଭୁଜାଲି ଆଦି ଜବତ କରାଯାଇଛି। ଲୁଟରେ ସମ୍ପୃକ୍ତ ଆଉ ୨ ଜଣ ଫେରାର୍ ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ବାଲିଗୁଡ଼ା ଏସ୍‌ଡିପିଓ ମନୋଜ କୁମାର ପୂଜାରୀ କହିଛନ୍ତି। ଅଭିଯୁକ୍ତମାନେ ଗତ ୧୦ ତାରିଖ ମଧ ରାତିରେ ପ୍ରଥମେ ଦାରିଙ୍ଗବାଡି ପଞ୍ଚାୟତ ମକପାଟା ଗ୍ରାମର ପ୍ରମୋଦ ପ୍ରଧାନଙ୍କ ଘର ନିକଟକୁ ଯାଇଥିଲେ। ସେମାନେ ହିନ୍ଦୀ ଭାଷାରେ ନିଜକୁ ମାଓବାଦୀ କହି ବିଭିନ୍ନ ଧମକ ଦେବା ସହ ଘରେ ପଶି ଟଙ୍କା, ସୁନା ଓ ମୋବାଇଲ ଫୋନ ଆଦି ଲୁଟି ନେଇଥିଲେ। ପୋଲିସକୁ ଜଣାଇଲେ ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ। ପରେ ସେଠାରୁ ପ୍ରାୟ ୪ କି.ମି. ଦୂର ଟପେରୀ ଗ୍ରାମକୁ ସମାନ ଢ଼ଙ୍ଗରେ ଟଙ୍କା ସୁନା ଲୁଟ କରିଥିଲେ। ଏ ନେଇ ୧୧ ତାରିଖରେ ଦାରିଙ୍ଗବାଡ଼ି ଥାନାରେ ପୃଥକ ଦୁଇ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୯୯ ଓ ୧୦୦/୨୧) ରୁଜୁ କରିଥିଲା। ଏସ୍‌ପି ବିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡ଼ା ଏସ୍‌ଡିପିଓଙ୍କ ନେତୃତ୍ୱରେ ଦାରିଙ୍ଗବାଡ଼ି ଥାନା ଆଇଆଇସି କୌଶିକ ମାଝି, ସାଇବର ଏକ୍ସପର୍ଟ ଏସ୍‌ଆଇ ସୌମ୍ୟକାନ୍ତ ପଣ୍ଡା ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସ୍ୱତନ୍ତ୍ର ଅପରେଶନରେ ସୋମବାର ସନ୍ଧ୍ୟାରୁ ମଙ୍ଗଳବାର ଭୋର ମଧରେ ୪ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଥିଲା।

# ୧୦୭ କେଜି ଗଞ୍ଜେଇ ଜବତ, ୩ ଗିରଫ

ଫୁଲବାଣୀ ଅଫିସ, ୧୬।୬

ଗୋଚ୍ଛାପଡା ଥାନା ପୋଲିସ ସଲାଗୁଡା ପଞ୍ଚାୟତ ତାମ୍ପିସୁଖାଗାଁ ପାଖ ସୁନାମୁଦି ପୋଲ ଉପରେ ଚଢ଼ାଉ କରି ୧୦୭ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଝାରଖଣ୍ଡ ରାଜ୍ୟ ଜାମସେଦପୁର ଜିଲା ଆଜଦନଗର ଗାଁ ର ଏମଡି. କାଲାମ ଓ ଇଜାଜ ଆଲାମ, ସମ୍ବଲପୁର ଜିଲା ରେଢାଖୋଲ ଥାନା କେନ୍ଦୁପଟାଗାଁର ସୋନୁ ଷାଣ୍ଢ । ବିଶେଷ ସୂତ୍ରରୁ ଖବରପାଇ ଗୋଚ୍ଛାପଡା ପୋଲିସ ଏକ ଟିମ୍ ଗଠନ କରି ଉକ୍ତ ପୋଲ ପାଖରେ ରହିଥିଲା। ଦୁଇଟି ବାଇକରେ ଅଭିଯୁକ୍ତମାନେ ଆସୁଥିବା ବେଳେ ସେମାନଙ୍କୁ ଅଟକାଇ ଗଞ୍ଜେଇ ଜବତ କରାଯାଇଥିଲା । ଏ ନେଇ ୩୬/୨୧ରେ ମାମଲା ରୁଜୁ ହୋଇଛି।

# ଟାଟା ଏସିଇ ସହ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ

ବ୍ରହ୍ମପୁର ଅଫିସ,୧୬।୬

ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଦିଗପହଣ୍ଡି ରୋଡ଼ ମହୁରୀକାଳୁଆ ଛକରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏକ ଟାଟା ଏସିଇ ଗାଡ଼ି ଯାଞ୍ଚ ପରେ ଡାଲାରେ ପ୍ଲାଷ୍ଟିକ୍ ବ୍ୟାଗରେ ବନ୍ଧା ହୋଇଥିବା ୧୫୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ଗାଡ଼ି ଡ୍ରାଇଭର୍ କେ. ବୀର ଏଞ୍ଜାନେୟୁଲୁ (୨୬)ଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଯୁବକଙ୍କ ଘର ଆନ୍ଧ୍ରପ୍ରଦେଶର ପ୍ରକାଶମ ଜିଲାରେ ହୋଇଥିବା ବେଳେ ସେ ଗଜପତି ଜିଲା ମୋହନା ଥାନା ମାଣିକପୁର ଗ୍ରାମରେ ରହୁଛନ୍ତି। ଗଜପତି ଜିଲାରୁ ସେ ଗଞ୍ଜେଇ ଆଣି ଆନ୍ଧ୍ର ନେଇଥାନ୍ତେ ବୋଲି ତଦନ୍ତରେ ଜଣାପଡ଼ିଛି। ଜବତ ଗଞ୍ଜେଇର ମୂଲ୍ୟ ୭ ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

# ଡିଜିଟାଇଜେଶନ କାର୍ଯ୍ୟ ଦେଖିଲେ ପିଡି

ଶେରଗଡ଼,୧୬।୬(ଡି.ଏନ୍.ଏ.)

ଶେରଗଡ ବ୍ଲକର ୨୮ ଉଚ୍ଚ ବିଦ୍ୟାଳୟରେ ଡିଜିଟାଇଜେଶନ କାର୍ଯ୍ୟ ଚାଲୁଛି। ବିଭିନ୍ନ ସମୟରେ ଅଧିକାରୀମାନେ ପରିଦର୍ଶନରେ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରୁଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ସିନ୍ଧେ ଦତାତ୍ରେୟ ଭାଉସାହେବ ଶେରଗଡ ବ୍ଲକ ଗସ୍ତରେ ଆସି ୧୧ଟି ଉଚ୍ଚ ବିଦ୍ୟାଳୟର ଡିଜିଟାଇଜେଶନ କାର୍ଯ୍ୟ ବୁଲି ଦେଖିବା ସହ ଜୁନ ୩୦ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଡି ପ୍ରଥମେ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଆସିଥିଲେ। ପରେ ଟାକରଡା, ଧବଳପୁର, ଡେଙ୍ଗାପଦର, ଗୋବିନ୍ଦପୁର, ନରେନ୍ଦ୍ରପୁର, ଗୋଠଗାଁ, ଠୁରୁବୁରାଇ, କୁରୁଳା, ଅଲାରିଗଡରେ ଥିବା ଉଚ୍ଚ ବିଦ୍ୟାଳୟକୁ ଯାଇ କାର୍ଯ୍ୟର ଅଗ୍ରଗତି ଦେଖିଥିଲେ। ପିଡିଙ୍କ ପରିଦର୍ଶନ ସମୟରେ ବିଡିଓ ଶମ୍ଭୁନାଥ ନନ୍ଦି ଉପସ୍ଥିତ ଥିଲେ ।

# କୋଭିଡ୍ ହସ୍ପିଟାଲରେ ଶିଶୁ ଜନ୍ମ



ନବଜାତକଙ୍କ ସହ ଡାକ୍ତର ଏବଂ ନର୍ସମାନେ।

ଫୁଲବାଣୀ ଅଫିସ, ୧୬।୬

କନ୍ଧମାଳ ଜିଲା ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଥିବା ଜଣେ ମହିଳାଙ୍କ ସଫଳ ପ୍ରସବ କରାଯାଇଛି। ତାଙ୍କର ଏକ ଶିଶୁକନ୍ୟା ଜନ୍ମ ହୋଇଛି। ଶିଶୁଟିର ଅବସ୍ଥା ଭଲ ଅଛି ଏବଂ ତାକୁ ଏସ୍‌ଏନ୍‌ସିୟୁରେ ରଖାଯାଇଛି। ପ୍ରସୂତି ଆଇସିୟୁରେ ଅଛନ୍ତି। ତାଙ୍କ ଅକ୍ସିଜେନସ୍ତର କମ୍ ରହିଛି। ଫୁଲବାଣୀ ବ୍ଲକ କଟ୍ରିଙ୍ଗିଆ ଅଞ୍ଚଳ କିଲୁପାଙ୍ଗାର ୩୮ ବର୍ଷୀୟା ମହିଳା ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ମେଡିକାଲ ଆଣିଥିଲେ। ଗର୍ଭବତୀ ଏହି ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା। ରିପୋର୍ଟ ନେଗେଟିଭ ଆସିବାରୁ ଆର୍‌ଟି-ପିସିଆର ଟେଷ୍ଟ ପାଇଁ ନମୂନା ସଂଗ୍ରହ କରାଯିବା ପରେ କୋଭିଡ୍ ହସ୍ପିଟାଲ ଆଣି ଆଇସିୟୁରେ ରଖାଯାଇଥିଲା। ମଙ୍ଗଳବାର ରାତିରେ ତାଙ୍କର ପ୍ରସବକାଳୀନ ଯନ୍ତ୍ରଣା ହେବାରୁ ଫୁଲବାଣୀ ମେଡିକାଲର ଡାକ୍ତର ସତ୍ୟନାରାୟଣ ସାମଲ ନର୍ସଙ୍କ ସହାୟତାରେ ସେହିଠାରେ ପ୍ରସବ କରାଇଥିଲେ। ଏଥିରେ କିମ୍‌ସ ହସ୍ପିଟାଲର ନର୍ସମାନେ ମଧ ସହାୟତା କରିଥିଲେ। ଡାକ୍ତରଙ୍କ ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି। ଡାକ୍ତର ସାମଲ କରୋନାର ଦ୍ୱିତୀୟ ଲହରରେ କରୋନା ସଂକ୍ରମିତ ଥିବା ୨୦ରୁ ଊର୍ଦ୍ଧ୍ୱ ଜଣ ମହିଳାଙ୍କ ପ୍ରସବ କରାଇ ସାରିଲେଣି।

# ୪ ମହିଳାଙ୍କ ସମେତ ୭ ଆହତ

## ହାତୀ ଆକ୍ରମଣରୁ ବର୍ତ୍ତିଲେ

ଦିଗପହଣ୍ଡି,୧୬।୬(ଡି.ଏନ.ଏ.)

ଦିଗପହଣ୍ଡି ବନାଞ୍ଚଳ ଅଧୀନ ସିଙ୍ଗପୁର ଗ୍ରାମର ୪ ମହିଳାଙ୍କ ସମେତ ୭ ଜଣ ବୁଧବାର ଭୋରରେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ହରିଣା ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ଚାଷଜମିକୁ କାମ କରିବାକୁ ଯାଇଥିବା ବେଳେ ସେମାନେ ହାତୀପଲକୁ ଦେଖି ଦୌଡ଼ିବାରୁ ତଳେ ପଡି ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର ଗ୍ରାମର ସନ୍ତୋଷ ସାହୁ ଏବଂ ଦେବରାଜ ସାହୁ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦିଗପହଣ୍ଡି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ , ଚନ୍ଦ୍ରଗିରି ରେଞ୍ଜର ସୁବାସ ଚନ୍ଦ୍ର ବେହେରା, ବନପାଳ ବାରିକ ବେହେରା ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହାତ ଦ୍ୱୟଙ୍କ ସମ୍ପର୍କରେ ଡାକ୍ତରଙ୍କୁ ପଚାରି ବୁଝିଥିଲେ। ଉଭୟେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡିଛି। ଏ ନେଇ ରେଞ୍ଜର ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ କୁମାର ନାୟକଙ୍କୁ ଅବଗତ କରାଇଥିବା ସହ ସବିଶେଷ ରିପୋର୍ଟ ସଂଗ୍ରହ କରିଥିବା ଜଣାଇଛନ୍ତି। ଗତ କିଛିବର୍ଷ ହେଲା ଭଞ୍ଜନଗର ସ୍ଥିତ ଘୁମୁସର ବନଖଣ୍ଡ ଅଧୀନ ଜଙ୍ଗଲରୁ ଚାଲି ଆସିଥିବା ୧ ଦନ୍ତା ସମେତ ସମୁଦାୟ ୬ ଟି ହାତୀ ଦିଗପହଣ୍ଡି ବନାଞ୍ଚଳ ଅଧୀନ ପାଟପୁର ସେକ୍ସନ ଉଉମା ଗ୍ରାମ ନିକଟ ରତନେଇ ସଂରକ୍ଷିତ ଜଙ୍ଗଲରେ ରହୁଛନ୍ତି।

# ଘାଟିରେ ଅଟୋ ଓଲଟି ଶ୍ରମିକ ମୃତ, ୧୨ ଗୁରୁତର

ପାରଳାଖେମୁଣ୍ଡି/ରାୟଗଡ଼, ୧୬।୬(ଡି.ଏନ୍.ଏ.)

ରାୟଗଡ଼ ଥାନା ଅଧୀନ ରାଶିବାଡ଼ ଘାଟିରେ ବୁଧବାର ଏକ ଡାଲା ଅଟୋ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ୧୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁନ୍ଦରଗଡ଼ ଜିଲାର ରାଣୀ ବେର୍ନା ଗ୍ରାମର ସୁରସେନ (୧୮) । ବଲାଙ୍ଗୀର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାର ଶ୍ରମିକମାନେ ରାୟଗଡ଼ ବ୍ଲକର ବୁରୁଖତ ଓ କଇଁପୁର ଆଦି ବିଭିନ୍ନ ଅଞ୍ଚଳରେ ପ୍ରାୟ ଏକ ମାସ ଧରି ଜିଓ ନେଟୱର୍କ କାମରେ ନିୟୋଜିତ ଥିଲେ। ବୁଧବାର ସେମାନେ କାମ ସାରି ଏକ ଡାଲା ଅଟୋ (ଓଡି୦୭ଏଜି୨୫୧୫)ରେ ନିଜ ଘରକୁ ଯିବା ପାଇଁ ରାମଗିରିରୁ ଇଚ୍ଛାପୁର ଅଭିମୁଖେ ଯାଉଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ରାଶିବାଡ଼ି ଘାଟିରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଘଟଣାସ୍ଥଳରେ ସୁରସେନଙ୍କ ମୃତ୍ୟୁ ଘଟିଥିଲା। ଆହତମାନଙ୍କୁ ରାୟଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଆରିଏନ ଗାର୍ଡ (୧୮)ଙ୍କ ଅବସ୍ଥା ଗୁରୁତର ହେବାରୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଗାଡିର ଡ୍ରାଇଭର ଫେରାର୍ ଅଛନ୍ତି।

# ରାଜସ୍ୱ ରଥ ପରିକ୍ରମା, ପଟ୍ଟା ବଣ୍ଟନ

କାଶୀନଗର,୧୬।୬(ଡି.ଏନ.ଏ.)

କାଶୀନଗର ତହସିଲ ତରଫରୁ ବୁଧବାର ରାଜସ୍ୱ ରଥ ପରିକ୍ରମା କରିଥିଲା। ଏହି ଅବସରରେ ଏନ୍‌ଏସିର ୧୫ ଜଣଙ୍କୁ ସ୍ଥାନୀୟ ତହସିଲଦାର ଲକ୍ଷ୍ମୀ ପ୍ରସାଦ ସାହୁଙ୍କ ଦ୍ୱାରା ଜମି ଅଧିକାର ପଟ୍ଟା ପ୍ରଦାନ କରାଯାଇଥିଲା। ହିତାଧିକାରୀଙ୍କୁ ଘର ନିକଟରେ ପଟ୍ଟା ଓ ଅନ୍ୟ ରାଜସ୍ୱ ସେବା ଯୋଗାଇ ଦିଆଯାଇଥିଲା। ରାଜସ୍ୱ ନିରୀକ୍ଷକ ଶାନ୍ତିଲତା ପୋଲେଇ ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

# ଜବ୍ କାର୍ଡଧାରୀଙ୍କୁ ଉପେକ୍ଷା ଅଭିଯୋଗ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା

ଛତ୍ରପୁର,୧୬।୬(ଡି.ଏନ୍.ଏ.)



ଧାରଣା ଦିଆଯାଇଛି।

ଛତ୍ରପୁର ବ୍ଲକ ବଉଳଗାଁ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଅନିୟମିତତା ହୋଇଥିବା ରୁକୁଣିଗାଁର ଜବ କାର୍ଡଧାରୀ ଶ୍ରମିକମାନେ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ୨୦୨୦-୨୧ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ ଓହଳ ନାଳ ଖନନ ଓ ପୁନରୁଦ୍ଧାର ପ୍ରକଳ୍ପ ଡିଆରଡିଏରୁ ଅନୁମୋଦନ ହୋଇ ଆସିଥିଲା। ଗତ ଏପ୍ରିଲ ୨୯ ତାରିଖରେ ୧୨୫ ଜଣ ଜବ କାର୍ଡଧାରୀ ଶ୍ରମିକ ଗାଁ ସାଥିଙ୍କ ଜରିଆରେ ବ୍ଲକ ଏପିଓଙ୍କୁ ପ୍ରସ୍ତାବ ପ୍ରଦାନ କରିଥିଲେ। ସେହିଦିନଠାରୁ ଶ୍ରମିକମାନେ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସରକାର ଦୈନିକ ହାରାହାରି ମଜୁରି ୨୧୫ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଏଠାରେ ଶ୍ରମିକମାନଙ୍କୁ ଉପେକ୍ଷା କରାଯାଇ ୧୦୦ଟଙ୍କା ମଜୁରି ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଦୈନିକ ୧୦୦ ଟଙ୍କାରେ ପରିବାର ଚଳେଇବା କଷ୍ଟକର ହୋଇପଡୁଛି। ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଶ୍ରମିକଙ୍କୁ କାମ ଯୋଗାଇବାର ଅବଧି ରହିଛି। ଆଗକୁ ବର୍ଷା ଦିନ । ଜବକାର୍ଡଧାରୀ ଶ୍ରମିକ କାମ କରିବାକୁ ଆବେଦନର ୧୫ ଦିନ ମଧ୍ୟରେ କାମ ଯୋଗାଇ ଦିଆଯିବାର ନିୟମ ରହିଛି, ନଚେତ୍ ବେରୋଜଗାର ଭତ୍ତା ଦେବାକୁ ନିର୍ଦ୍ଦେଶ ରହିଛି । ଗଞ୍ଜାମ ଜିଲା ୨ ମାସ ମଧ୍ୟରେ ରେକର୍ଡ ସଂଖ୍ୟକ ଶ୍ରମ ଦିବସ ସୃଷ୍ଟି କରି ଉଲ୍ଲେଖନୀୟ ସଫଳତା ସାଉଁଟିଥିଲା ବେଳେ ଜିଲା ସଦର ମହକୁମା ଛତ୍ରପୁର ବ୍ଲକରେ ଯଦି ଏପରି ଅନିୟମିତା ଅନ୍ୟ ବ୍ଲକର ଚିତ୍ର କ'ଣ ବୋଲି ସାଧାରଣରେ ଆଲୋଚନା ହେଉଛି । ରୁକୁଣିଗାଁ ଓହଳ ନାଳ ଖନନ କାର୍ଯ୍ୟ ରାଜନୈତିକ ଉଦ୍ଦେଶ୍ୟ ରଖି ବନ୍ଦ କରି ଦିଆଯାଇଛି ବୋଲି ଜଣେ ଗାଁ ସାଥୀ ଅଭିଯୋଗ କରିଛନ୍ତି। ତୁରନ୍ତ ୧୨୫ ଜଣ ଜବ କାର୍ଡଧାରୀଙ୍କ ସମାସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଜବକାର୍ଡଧାରୀ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗାଁ ସାଥି ଗୀତାଞ୍ଜଳି ପାତ୍ର, ଅନୁଛାୟା ମୁଦୁଲି, ରିତା ମୁଦୁଲି, ରିଙ୍କି ଦାସ, ଲିଲି ଦାସ, ସୁରେନ୍ଦ୍ର ସେଠୀ, ଶରତ ପାଢ଼ୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କରଙ୍କ ସମେତ ଶତାଧିକ ଜବ କାର୍ଡ ଧାରୀ ଶ୍ରମିକ ଉପସ୍ଥିତ ଥିଲେ।

